# ତହସିଲଦାର, ସଦର, ସମ୍ବଲପୁରଙ୍କ ଅଦାଲତ

**ଜମି ହସ୍ତାନ୍ତର ବିବିଧମୋକଦ୍ଦମା(Alienation Misc. Case) ନଂ: 12/2023.**

## ସର୍ବସାଧାରଣଇସ୍ତାହାର

ପିଆରନଂ 1153

ତାରିଖ: 03/05/2023

ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି, ଯେ ମୌଜା ସମ୍ବଲପୁର ଟାଉନ ୟୁନିଟ ନ ୧୦, ଦୁର୍ଗାପାଲି ଅନ୍ତର୍ଗତ ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମିକୁ କିରବା ୧ ରେ ଥିବା ବସ୍ତି ବାସିନ୍ଦା ମାନଙ୍କୁ ଓଡିଶା ମହାନଗର ନିଗମ ଅଧିନିୟମ ୨୦୦୩ ଓ ସଂଶୋଧିତ ୨୦୨୨ ଆଇନ ଅନୁଯାୟୀ ଭୂମି ଅଧିକାର ପ୍ରମାଣପତ୍ର ଦେବା ନିମନ୍ତେ ପ୍ରସ୍ତାବ ନିମନ୍ତେ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ ହୋଇଅଛି।ଆବେଦନ କରାଯାଇ ଥିବା ନିମ୍ନ ଜମି ଅନୁସୁଚି ର କିସମ ବର୍ତମାନ ସମୟରେ ଜମି ର ହାଲ ଚରିତ୍ର ଓ କିସମ ସହିତ କୌଣସି ସମ୍ପର୍କ ରଖୁ ନ ଥିବା ରୁ ଓଡିଶା ସର୍ଭେ ଓ ବନ୍ଦୋବସ୍ତ ଅଧିନିୟମ, ୧୯୬୨ ର ଧାରା ୩୪ (ଡ) ମତେ ମନ୍ତବ୍ୟ ଖାନା କୁ ଖାରଜ କରାଯିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ ଙ୍କ ର କିଛି ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ଜାରି ହେବାର ୩୦ ଦିନ ମଧ୍ୟରେ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧି ଙ୍କ ଜରିଆ ରେ ଲିଖିତ ଆକାର ରେ ଆପତ୍ତି ଦରଖାସ୍ତ ଟ.୨୦.୦୦ କୋର୍ଟ ଫିଜ ଦେଇ ନିମ୍ନସାକ୍ଷରକାରୀ ଙ୍କ ଅଦାଲତରେ ଆପତ୍ତି କଲେ ନିୟମାନୁଯାୟୀ ବିଚାର କୁ ନିଆଯିବ । ନିର୍ଧାରିତ ସମୟ ଅତିବାହିତ ପରେ ଆପତ୍ତି କଲେ କାହାରି ଆପତ୍ତି ଅଭିଯୋଗ ବିଚାରକୁ ନିଆଯିବ ନାହିଁ।

**LAND SCHEDULE**

Mouza- Burla Town Unit 2

| Sl No. | Khata No | Plot No | Total Area (Ac.) | Proposed Area (Ac.) | Present Kissam | Proposed Kisam | Slum |
|---|---|---|---|---|---|---|---|
| 1 | 236(Anabadi) | 1691 | 0.030 | 0.030 | Chatana | Patita | Kirba 1 |
| **Total** | **1 khata** | **1 plot** | **0.030** | **0.030** | | | |

ତହସିଲଦାର,
ସଦର, ସମ୍ବଲପୁର

ଜ୍ଞାପକ ସଂଖ୍ୟା 1154 ତା 03/05/2023

ଏହାର ଏକ କିତା ନକଲ ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର/ ସମ୍ବଲପୁର ଉନ୍ନୟନ କର୍ତୃପକ୍ଷ, ସମ୍ବଲପୁର ଏବଂ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର,
ସଦର, ସମ୍ବଲପୁର

ଜ୍ଞାପକ ସଂଖ୍ୟା 1155 ତା 03/05/2023

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଅଧିକାରୀ (District Informatics Officer, NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟ ରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା।

ତହସିଲଦାର,
ସଦର, ସମ୍ବଲପୁର